ପ୍ରେସ୍ ନୋଟ୍

## ଆଜି ଅନୁଗୋଳ ଜିଲ୍ଲାରୁ ୧୩୮ ଜଣ କରୋନା ପଜିଟିଭ ଚିହ୍ନଟ ।

ପଜିଟିଭ ସଂଖ୍ୟା ୩୯୫୫୩ ରେ ପହଞ୍ଚିଲା - ସୁସ୍ଥ ହେଲେ ୩୧୬ଜଣ ।

ଅନୁଗୋଳ, ତା.୧୯.୦୬:- ଆଜି ଅନୁଗୋଳ ଜିଲ୍ଲାରେ ୧୩୮ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବାର ଜଣାପଡିଛି । ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଂକ ମଧ୍ୟରେ ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୩୭ଜଣ (୨୭ ଜଣ ପୁରୁଷ ଓ ୧୦ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୨୬ଜଣ ( ୨୦ଜଣ ପୁରୁଷ ଓ ୬ଜଣ ମହିଳା), ତାଲଚେର ବ୍ଲକ୍ ଅଂଚଳରୁ ୧୮ଜଣ ( ୧୦ଜଣ ପୁରୁଷ ଓ ୮ଜଣ ମହିଳା), ବଣ୍ଡଁରପାଳ ବ୍ଲକ୍ ଅଂଚଳରୁ ୧୫ଜଣ ( ୮ଜଣ ପୁରୁଷ ଓ ୭ଜଣ ମହିଳା), ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୧୨ଜଣ ( ୮ଜଣ ପୁରୁଷ ଓ୪ ଜଣ ମହିଳା), ଅନୁଗୋଳ ପୌରାଞ୍ଚଳରୁ ୬ଜଣ (୩ ଜଣ ପୁରୁଷ ଓ ୩ଜଣ ମହିଳା), ତାଲଚେର ପୌରାଞ୍ଚଳରୁ ୬ଜଣ ( ୪ଜଣ ପୁରୁଷ ଓ୨ ଜଣ ମହିଳା), କଣିହାଁ ବ୍ଲକ୍ ଅଂଚଳରୁ ୬ଜଣ ( ୫ଜଣ ପୁରୁଷ ଓ ୧ଜଣ ମହିଳା), ପାଲଲହଡା ବ୍ଲକ୍ ଅଂଚଳରୁ ୫ଜଣ ( ୩ଜଣ ପୁରୁଷ ଓ ୨ଜଣ ମହିଳା), ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ ୪ଜଣ ( ୩ଜଣ ପୁରୁଷ ଓ ୧ଜଣ ମହିଳା) ଓ କିଶୋରନଗର ବ୍ଲକ୍ ଅଂଚଳରୁ ୩ଜଣ( ୨ଜଣ ପୁରୁଷ ଓ ୧ଜଣ ମହିଳା) ଅଛନ୍ତି । ଚିହ୍ନଟ ହୋଇଥିବା ଲକ୍ଷଣଯୁକ୍ତ ଆକ୍ରାନ୍ତମାନଂକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ୫୧ ଜଣଂକୁ ତାଲଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଂକୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୩୧୬ଜଣ ସୁସ୍ଥ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୧୫୯ଜଣ ମୃତ୍ୟୁବରଣ କଲେଣି ଏବଂ ଆଜି ସୁଦ୍ଧା ୨ ଲକ୍ଷ ୨୧ହଜାର ୮୨ଜଣଙ୍କୁ ଟିକା ଦିଆଗଲାଣି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୩୬୫ ତା.୧୯.୦୬.୨୦୨୧ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ